ପ୍ରେସ୍ ନୋଟ୍

# ଓରମାସ ଦ୍ୱାରା ଆମ୍ବ ବିକ୍ରୟ ଗାଡିର ଶୁଭ ଉଦଘାଟନ ।

ଅନୁଗୋଳ,ତା.୨୬.୦୫:- ଆଜି ପୂର୍ବାହ୍ନରେ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ଓରମାସ ଦ୍ୱାରା ୩ ଗୋଟି ବିଭିନ୍ନ କିସମର ଆମ୍ବ ବୋଝେଇ ଗାଡିକୁ "ଗାଁ ଆମ୍ବ ପସରା" (MANGO ON WHEEL) ନାମରେ ନାମିତ କରି ଜିଲ୍ଲାପାଳ ଶ୍ରୀ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ଏହି ଗାଡି ଗୁଡିକ ମୁଖ୍ୟତଃ ଅନୁଗୋଳ ପୌରପାଳିକା, ଜିନ୍ଦଲ,ନାଲ୍କୋ, ଏନ୍ ଟି ପି ସି/ଟି ଟି ପି ଏସ୍, ମହାନଦୀ କୋଇଲା ଖଣି, ତାଳଚେରର ବିଭିନ୍ନ ଶିଳ୍ପାଞ୍ଚଳ ଅଧିବାସୀ ଓ ସାଧାରଣ ଉପଭୋକ୍ତାଙ୍କ ଉଦ୍ଦେଶ୍ୟରେ ଆଜି ଠାରୁ ଆସନ୍ତା ଜୁନ୍ ମାସ ୧ ତାରିଖ ପର୍ଯ୍ୟନ୍ତ ପରିଭ୍ରମଣ କରିବ । ଏହାଦ୍ୱାରା ଉପଭୋକ୍ତାମାନେ ସୁଲଭ ମୂଲ୍ୟରେ ସ୍ୱାଦିଷ୍ଟ ଆମ୍ବ ପାଇପାରିବା ସହ ଆମ୍ବ ବିକାଳୀମାନେ ମଧ୍ୟ ଲାଭବାନ ହୋଇପାରିବେ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଲଳିତ ମୋହନ ବେହେରା, ଅନୁଗୋଳ ପୌରପାଳିକାର ନିର୍ବାହୀ ଅଧିକାରୀ ଶ୍ରୀ ଗିରିଜା ଶଙ୍କର ମଲ୍ଲିକ, ଡି ଡି ଏମ୍ ନାବାର୍ଡ, ଏଲ୍ ଡି ଏମ୍, ଡି ଡି ଏଚ୍, ସି ଡି ଏ ଓ, ଜି ଏମ୍ (ଡି ଆଇ ସି) ଏବଂ ଜେ ଏସ୍ ପି ଏଲ କର୍ମଚାରୀଙ୍କ ସମେତ ଅନ୍ୟାନ୍ୟ ଅଧିକାରୀଗଣ ଉପସ୍ଥିତ ଥିଲେ ।

ସେହିପରି ଜୁନ୍ ମାସ ୨ ତାରିଖ ଠାରୁ ଜୁନ୍ ୯ ତାରିଖ ପର୍ଯ୍ୟନ୍ତ ଅନୁଗୋଳ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ ଠାରେ ବିଭିନ୍ନ କିସମର ଆମ୍ବ ପ୍ରଦର୍ଶନୀ କରାଯିବ ବୋଲି ଓରମାସର ଉପ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ସୌରଭମୟ ଦାସ ଜଣାଇଛନ୍ତି ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ, ଅନୁଗୋଳ ।

ଜ୍ଞାପକ ସଂଖ୍ୟା- ୩୫୭ ତା.୨୬.୦୫.୨୦୨୩

ଏହାର ଏକକିତା ନକଲ ସମସ୍ତ ଜିଲ୍ଲା ସ୍ତରୀୟ ସାମ୍ବାଦିକଙ୍କ ସଦୟ ଅବଗତି ଓ ଏହାର ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଅନୁଗୋଳ

OPPO Reno7 5G
2023.05.26 13:00




OFFICE OF THE ZILLA PARISHAD, ANGUL
OPPO Reno7 5G
2023.05.26 10:56


OPPO Reno7 5G
2023.05.26 10:57


OD 19T 0031
OD 19 C 4722
OPPO Reno7 5G


ORMAS
ANGUL Fresh
In Convergence With APC-DMFT,Angul
Taste the Varieties
Amrapali Dasheri Mallika
Baiganapalli Lengra Sundari
Bombay Green Himsagar & Many More
0%
CANOPY
Dt - 15.05.2023 to 19.05.2023
At - Collectorate Gate / Mishrapada Chowk
OPPO Reno7 5G
2023.05.26 10:58